# NATIONAL NEWS BULLETIN (ODIA)

**17 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସୁସ୍ଥ ନାରୀ, ସଶକ୍ତ ପରିବାର ଓ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ୭୫ବର୍ଷ ଜନ୍ମଦିନ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।

- ଉପଭୋକ୍ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପି.ଏ. ବ୍ୟବସ୍ଥାରେ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କଲା ଆରବିଆଇ

- ଏକ ହତ୍ୟା ମାମଲାରେ ଜଡ଼ିତ ଗ୍ୟାଙ୍ଗଷ୍ଟର ଛୋଟା ରାଜନର ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ

ଏବଂ

- ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଚଣ୍ଡୀଗଡ଼ଠାରେ ଜାରି ରହିଛି ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍

## ପିଏମ୍-ମଧ୍ୟପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଏବଂ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିଛନ୍ତି । ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା

ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଦେଶ ବ୍ୟାପି ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଧାନମନ୍ତ୍ରୀ ସହାୟତା ରାଶି ଆଜି ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରଦାନ କରିବେ । ପ୍ରାୟ ୧୦ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଡି.ବି.ଟି. ମାଧ୍ୟମରେ ଅର୍ଥ ପଠାଯିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ସଚେତନତା ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ସୁମନଶକ୍ତି ଚାଟ୍‌ବଟ୍‌ର ଶୁଭାରମ୍ଭ ସହ ଆଦି କର୍ମଯୋଗୀ ଅଭିଯାନର ଅଂଶସ୍ୱରୂପ ଶ୍ରୀ ମୋଦୀ ମଧ୍ୟପ୍ରଦେଶ ପାଇଁ ଆଦିସେବା ପର୍ବର ମଧ୍ୟ ଶୁଭାରମ୍ଭ କରଛନ୍ତି ।

## ପିଏମ୍-ବାର୍ଥଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଶ୍ରୀ ମୋଦୀ ତାଙ୍କ କଠିନ ପରିଶ୍ରମ ମାଧ୍ୟମରେ ଅସାଧାରଣ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଉପରେ ବିଶ୍ୱ ସମୁଦାୟ ଗଭୀର ଆସ୍ଥା ପ୍ରକଟ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି କହିଛନ୍ତି,ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଯୋଗୁଁ ଭାରତ ବିଶ୍ୱ ମଞ୍ଚରେ ଉଲ୍ଲେଖନୀୟ ସ୍ଥାନ ହାସଲ କରିବା ସହ ବିକଶିତ ରାଷ୍ଟ୍ରହେବା ଦିଗରେ ଅଗ୍ରସର ହେଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ତ୍ୟାଗ ଓ ତିତିକ୍ଷାର ଏକ ପ୍ରତୀକ ବୋଲି ଅଭିହିତ କରିବା ସହ ସେ କୋଟି କୋଟି ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି ।

---

## ବୈଷ୍ଣବ-ବ୍ଲଡ ଡୋନେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଆଜି ଦେଶବ୍ୟାପୀ ମେଗା ରକ୍ତଦାନ ଶିବିରମାନ ଆୟୋଜନ କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ଆଇ.ଟି.ଓ.ଠାରେ ଆୟୋଜିତ ଶିବିରରେ ରକ୍ତଦାନ କରିଛନ୍ତି । ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ଗୋଟିଏ ଦିନରେ ଦେଶବ୍ୟାପୀ ୭ ହଜାର ଶିବିର ଆୟୋଜନ କରି ୩ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରଖିଛି । ଏହି ଅବସରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ବିଭିନ୍ନ ଶିବିର ପରିଦର୍ଶନ କରି ଆୟୋଜକଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତିକୁ ସେବାର ମାଧ୍ୟମ ଭାବେ ରୂପାନ୍ତରଣ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

**V/O**

---

## ସିଏମ୍-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଏକ ଆନନ୍ଦର ଦିବସ ବୋଲି ଅଭିହିତ କରିଛନ୍ତି । ଶ୍ରୀ ମୋଦୀଙ୍କ

ନେତୃତ୍ୱ ଦେଶକୁ ନୂଆ ଦିଶା ଦେଖାଇଥିବା ବେଳେ ନବ ଆନ୍ଦୋଳନ ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ଆଜି ଭୁବନେଶ୍ୱରରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା ଅଭିଯାନ, ଏକ୍ ପେଡ୍ ମା' କେ ନାମ୍ ଏବଂ 'ସୁସ୍ଥ ନାରୀ ସଶକ୍ତ ପରିବାର' ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ଜାରି ରହିଛି ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ସୁଦୃଶ୍ୟ ବାଲୁକାକଳା ପ୍ରଦର୍ଶନ କରିଛନ୍ତି । ଶ୍ରୀ ପଟ୍ଟନାୟକ ୭୫୦ ପଦ୍ମ ବିଶିଷ୍ଟ ବାଲୁକାକଳାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ।

## ଦିଲ୍ଲୀ ସିଏମ୍-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ବିଜେପିର ନେତାମାନେ ଇଣ୍ଡିଆ ଗେଟ୍ ନିକଟରେ ଆୟୋଜିତ ସେବା ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଛନ୍ତି । ଗଣମାଧ୍ୟମକୁ ଶ୍ରୀମତୀ ଗୁପ୍ତ କହିଛନ୍ତି, ସେବା ପକ୍ଷ ଆସନ୍ତା ୧୫ ଦିନ ପାଇଁ ଆୟୋଜନ କରାଯାଇଛି, ଯେଉଁଥିରେ ଦିଲ୍ଲୀବାସୀଙ୍କ ପାଇଁ ୭୫ଟି ଯୋଜନା ଉତ୍ସର୍ଗ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ୧୧ ବର୍ଷ ଧରି ଦିଲ୍ଲୀର ଲୋକଙ୍କୁ ବହୁ ବିକାଶମୂଳକ ପ୍ରକଳ୍ପ ଭେଟିଦେଇଥିବା ଶ୍ରୀମତୀ ଗୁପ୍ତା କହିଛନ୍ତି ।

## ଆରବିଆଇ ନିର୍ଦ୍ଦେଶାବଳୀ

ଉପଭୋକ୍ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଠକେଇ ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଭାରତର ରିଜର୍ଭ ବ୍ୟାଙ୍କ ପେମେଣ୍ଟ ଏଗ୍ରିଗେଟର-ପିଏ

ବ୍ୟବସ୍ଥାରେ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଛି । ଅର୍ଥ ଫେରସ୍ତ ସମୟସୀମା, ତଥ୍ୟ ସୁରକ୍ଷା, ଠକେଇର ସମୟୋପଯୋଗୀ ମୁକାବିଲା ଏବଂ ବୋର୍ଡ ଅନୁମୋଦିତ ବିବାଦର ସମାଧାନ ନେଇ ଏହି ନିର୍ଦ୍ଦେଶାବଳୀରେ ସ୍ପଷ୍ଟ କରାଯାଇଛି । ଆର୍ଥିକ କାରବାର ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ତୁରନ୍ତ ଏବଂ ସ୍ୱଚ୍ଛ ସମାଧାନ ଏହି ନିର୍ଦ୍ଦେଶାବଳୀ ଦ୍ୱାରା ସୁନିଶ୍ଚିତ ହୋଇପାରିବ । ପେମେଣ୍ଟ ଏଗ୍ରିଗେଟର-ପିଏ ବ୍ୟବସ୍ଥା ମାଧ୍ୟମରେ ଏଣିକି ଠକେଇ ଚିହ୍ନଟ ଓ ଡାଟା ସୁରକ୍ଷା ଅଧିକ ସୁଦୃଢ଼ ହୋଇପାରିବ । ବ୍ୟାଙ୍କ ଗୁଡ଼ିକୁ ପେମେଣ୍ଟ ଏଗ୍ରିଗେଟର ଭାବରେ କାର୍ଯ୍ୟ କରିବା ପାଇଁ ଆବେଦନ ବ୍ୟବସ୍ଥାରୁ ମୁକ୍ତ ରଖାଯାଇଛି । ତେବେ ଅଣବ୍ୟାଙ୍କିଙ୍ଗ ସଂସ୍ଥାଗୁଡ଼ିକୁ ଆରବିଆଇ ପୋର୍ଟାଲରେ ଏଥିପାଇଁ ଆବେଦନ କରିବାକୁ ପଡ଼ିବ ।

## ପିଏମ୍-ବିଶ୍ୱକର୍ମା ପୂଜା

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ସୃଜନଶୀଳତାର ସମସ୍ତ ସ୍ଥପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୁଦୃଢ଼, ଉନ୍ନତ ଓ ସକ୍ଷମ ଭାରତବର୍ଷ ନିର୍ମାଣରେ ଏହି କର୍ମଯୋଗୀମାନଙ୍କ ପ୍ରତିଭା ଓ କଠିନ ପରିଶ୍ରମର ଅମୂଲ୍ୟ ଯୋଗଦାନ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏସ୍‌ସି-ଛୋଟା ରାଜନ

ହୋଟେଲ୍ ବ୍ୟବସାୟୀ ଜୟା ସେଟ୍ଟି ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ଛୋଟା ରାଜନକୁ ଦିଆଯାଇଥିବା ଜାମିନକୁ ସୁପ୍ରିମକୋର୍ଟ ବାତିଲ କରିଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସିବିଆଇ ପକ୍ଷରୁ ଆଗତ ଏକ ଆବେଦନକୁ ବିଚାର କରି ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ୨୦୦୧ ମସିହାରେ ମୁମ୍ବାଇରେ ଘଟିଥିବା ଏହି ହତ୍ୟାକାଣ୍ଡରେ ଗତବର୍ଷ ଅକ୍ଟୋବର ୨୩

ତାରିଖରେ ବମ୍ବେ ହାଇକୋର୍ଟ ଛୋଟା ରାଜନଙ୍କୁ ଜାମିନ ପ୍ରଦାନ କରିଥିଲେ । ଏହି ମାମଲାରେ ରାଜନଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି । ବମ୍ବେ ହାଇକୋର୍ଟଙ୍କ ଆଦେଶ ବିରୁଦ୍ଧରେ ସିବିଆଇ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲା । ସୁପ୍ରିମକୋର୍ଟ କହିଛନ୍ତି, ରାଜନ୍ ୨୭ବର୍ଷ ଧରି ପଳାତକ ଥିଲେ ଏବଂ ୪ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି ।

---

## ଶାହା-ହାଇଦ୍ରାବାଦ

ହାଇଦ୍ରାବାଦ ମୁକ୍ତିଦିବସ ଉପଲକ୍ଷେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଶହୀଦମାନଙ୍କ ବୀରତ୍ୱ ଓ ସେମାନଙ୍କ ସ୍ୱପ୍ନ ଦେଶର ବିକାଶରେ ବିଶେଷ ସହାୟକ ହେବ । ନିଜାମ ଶାସନରୁ ମାତୃଭୂମିକୁ ମୁକ୍ତ କରିବା ଓ ରାଜାକରରୁ ମୁକ୍ତି ପାଇବା ଲାଗି ଲୋକମାନେ ଅମାନବୀୟ ଯନ୍ତ୍ରଣା ଭୋଗ କରି ଦେଶକୁ ଏକତ୍ର କରିବାକୁ ଉଦ୍ୟମ କରିଥିଲେ ବୋଲି ଶ୍ରୀ ଶାହା କହିଛନ୍ତି । ଏହି ଦିବସ ପୂର୍ବ ହାଇଦ୍ରାବାଦର ଲୋକଙ୍କ ଅବଦମିତ ଦେଶପ୍ରେମକୁ ଦର୍ଶାଉଛି । ସୂଚନାଯୋଗ୍ୟ ଯେ ତେଲଙ୍ଗାନା, କର୍ଣ୍ଣାଟକ ଏବଂ ମରାଠାୱାଡ଼ା ଅଞ୍ଚଳକୁ ନେଇ ସେତେବେଳେ ହାଇଦ୍ରାବାଦ ଜଣାଶୁଣା ଥିଲା ।

---

## ଜିଏସ୍‌ଟି ସଂସ୍କାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ନେଇ ଘୋଷଣା କରିଥିଲେ । ଗତ ୩ ତାରିଖରେ ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନାଗରିକଙ୍କ ଜୀବନକୁ ସରଳ ଏବଂ ସହଜ କରିବା ଲକ୍ଷ୍ୟ ନେଇ ଅନେକ

କ୍ଷେତ୍ରରେ ଟିକସ ହାର ହ୍ରାସ ପାଇଁ ନିଷ୍ପତ୍ତି ହୋଇଛି । କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଲୁହା, ଇସ୍ପାତ ଓ କାଠରେ ତିଆରି ରୋଷେଇ ସାମଗ୍ରୀ, ଟେବୁଲ୍ ଏବଂ ଶୌଚାଳୟ ଉପଯୋଗୀ ବିଭିନ୍ନ ସାମଗ୍ରୀ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ପରବର୍ତ୍ତୀ ପିଢ଼ି ସଂସ୍କାର ଅଧୀନରେ ଗ୍ରହଣ କରାଯାଇଥିବା ଏଭଳି ନିଷ୍ପତ୍ତି ସାଧାରଣ ଲୋକଙ୍କୁ ଉତ୍ସାହିତ କରିଛି । ଏହି ନୂତନ ଟିକସ ହାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।

## ସେଣ୍ଟର ଫାଇନାନ୍ସ କମିଶନ

କେନ୍ଦ୍ର ସରକାର ୧୫ତମ ଅର୍ଥ କମିଶନ ଜରିଆରେ ତାମିଲନାଡୁ ଓ ଆସାମର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ୩୪୨ କୋଟି ଟଙ୍କା ମଂଜୁର କରିଛନ୍ତି । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ତାମିଲନାଡୁ ପାଇଁ ୨୦୨୫-୨୬ ଆର୍ଥିକବର୍ଷ ସକାଶେ ପ୍ରଥମ ଦଫାରେ ୧୨୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆସାମ ପାଇଁ ୨୧୪ କୋଟି ଟଙ୍କାରୁ ଅଧିକ ମଂଜୁର କରାଯାଇଛି । ଏହି ଅନୁଦାନ ପରିମଳ, ପରିବାରର ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ଯୋଗାଣ, ବର୍ଷା ଅମଳ ପ୍ରକଳ୍ପ ଆଦି ମୌଳିକ ସୁବିଧା ହାସଲ ଦିଗରେ ସହାୟକ ହେବ । ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ପଞ୍ଚାୟତିରାଜ ଓ ଜଳଶକ୍ତି ମିଶନ ମନ୍ତ୍ରଣାଳୟ ମାଧ୍ୟମରେ ରାଜ୍ୟଗୁଡ଼ିକର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ଦେବା ଲାଗି ୧୫ତମ ଅର୍ଥ ଆୟୋଗକୁ ସୁପାରିଶ୍ କରିଛନ୍ତି ।

## ଓ୍ୱମେନ୍ କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଚାଲିଥିବା ଚଳିତ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଚଣ୍ଡୀଗଡ଼ଠାରେ

ଜାରି ରହିଛି । ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୫ ଓଭରରେ କୌଣସି ଓ୍ବିକେଟ୍ ନ ହରାଇ ସଂଗ୍ରହ କରିଛି ୨୭ ରନ୍ ।

ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ଭାରତ ବିପକ୍ଷରେ ୮ ଓ୍ବିକେଟ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।